# Akashvani, Sambalpur

## SAMBALPURI NEWS BULLETIN

### 28 September 2025 – 6.47- 6.52 am.

*********************************************

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ମଧ୍ୟସ୍ଥତା ଆଇନ୍- ୨୦୨୩ ନ୍ୟାୟିକ ବ୍ୟବସ୍ଥାଥି ଯୁଗାନ୍ତକାରୀ ପରିବର୍ତ୍ତନ୍ ଆନିଛେ ଆଉ ନ୍ୟାୟ ଦେବାର୍ ପ୍ରକ୍ରିୟାକେ ଅଏତ୍‌କା ସରଲ୍ ଆଉ ସୁଲଭ୍ କରିଛେ ବଲି ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର୍ ଉଦ୍‌ଘାଟନୀ ଉତ୍ସବ୍‌ଥି ଯୋଗ୍ ଦେଇକରି ସୁପ୍ରିମ୍‌କୋର୍ଟ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ବି.ଆର୍. ଗବାଇ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ଇ ଦୁଇଦିନିଆ ସମ୍ମିଳନୀଥି ଯୋଗ୍ ଦେଇକରି ଜଷ୍ଟିସ୍ ଗବାଇ କହିଛନ୍, ମଧ୍ୟସ୍ଥତା ମତଭେଦ୍‌କେ ଆଲୋଚନାର୍ ବାଟ୍ ଦେଖାସି । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେଇକରି କହିଛନ୍, ମଧ୍ୟସ୍ଥତା ଖାଲି ବିବାଦ୍‌ର ସମାଧାନ୍ ନାଇଁ କରେ, ନିଜର୍ ନିଜର୍ ଭିତ୍‌ରେ ବିଶ୍ୱାସ୍ ଆଉ ସାମାଜିକ୍ ଶାନ୍ତି ଭିଲ୍ ଥାପ୍‌ନା କରସି । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ମଧ୍ୟସ୍ଥତା ଆଲୋଚନାର୍ ଗୁଟେ ମାଧ୍ୟମ୍ ଆଏ ବଲି କହିଛନ୍ । ମଧ୍ୟସ୍ଥତା ଲାଗି ଫୋର୍-ସି ମନ୍ତ୍ର ଅପ୍‌ନାବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଅମୃତ୍ ଭାରତ୍ ଟ୍ରେନ୍-ସ୍ୱାଗତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଲାକାଏଲ୍ ଝାର୍‌ସୁଗୁଡ଼ା ନୁ ଆଭାସୀ ଜରିଏ ବ୍ରହ୍ମପୁର୍‌ନୁ ସୁରଟର ଉଧ୍‌ନାକେ ଅମୃତ୍ ଭାରତ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ । ବଲାଙ୍ଗିର୍ ଜିଲ୍ଲା ଟିଟିଲାଗଡ୍ ଠାନେ ରାତିର୍ ୧୦ ବାଜିକରି ୪୫ ମିନିଟ୍‌ଥି ଇ ଟ୍ରେନ୍ ପୁହୁଁଚିବାର୍ ଉତ୍‌ରୁ ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ଟ୍ରେନ୍‌କେ ସ୍ୱାଗତ୍ ସମ୍ବର୍ଦ୍ଧନା ଜନେଇଛନ୍ । ସେନ୍ତା କଲାହାଣ୍ଡି ଜିଲ୍ଲା କେସିଙ୍ଗା ରେଲ୍‌ଷ୍ଟେସନ୍ ନ ଇ ଟ୍ରେନ୍ ପୁହୁଁଚିବାର୍ ଉତ୍‌ରୁ ଧର୍ମଗଡ୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟଯୋଷୀ ଇତାକେ ସ୍ୱାଗତ୍ କରିଥିଲେ ।

ସେବା ପର୍ବ          ଆର୍‌ଏନ୍‌ୟୁ/ ସମ୍ବଲପୁର

ସେବା ଆଉ ସୁଶାସନ୍ ମନ୍ତ୍ରଥି ପ୍ରେରିତ ହେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍‌କାର୍ ଦେଶେ ପରିବର୍ତନ୍ ଆନ୍‌ବାର୍ ଲାଗି ଅହରହ ଚେରେଷ୍ଟା ଜାରି ରଖିଛନ୍ । ସେବା ପର୍ବର୍ ଆଝିର୍ କଡ଼ିଥି କେନ୍ଦ୍ର ସର୍‌କାର୍ ଅଟଲ୍ ପେନ୍‌ସନ୍ ଯୋଜ୍‌ନା ଜରିଏ ଦେଶର୍ ଅଣସଂଗଠିତ୍ ଶ୍ରମିକ୍ ମାନ୍‌କର୍ ଲାଗି ସାମାଜିକ୍ ସୁରକ୍ଷାକେ କେନ୍ତାକରି ମଜ୍‌ବୁତ୍ କରିଛନ୍ ସେ ବାବ୍‌ଦେ ଜାନ୍‌ମା ।

ଅଟଲ୍ ପେନ୍‌ସନ୍ ଯୋଜ୍‌ନା ୨୦୧୫ ମସିହା ମେ ମାସେ ଅଣସଂଗଠିତ୍ ଶ୍ରମିକ୍‌ମାନ୍‌କର୍ ଲାଗି ଅବସରକାଳୀନ ସୁରକ୍ଷାର୍ ଅଭାବ୍ ବାଗିର୍ ଆହ୍ୱାନ୍‌କେ ସମାଧାନ୍ କର୍‌ବାର୍ ଲାଗି ମୁଲ୍ ହେଇଥିଲା । ଇ ଯୋଜ୍‌ନା

ଅବସରକାଳୀନ ସ୍ୱେଚ୍ଛାକୃତ ସଂଚୟକେ ତହଁକାବାର୍ ଲାଗି କରାଯାଇଛେ । ଯେନ୍ଥି ବୟସ୍ ଉପ୍ରେ ନିର୍ଭର୍ କରିକରି ସଦସ୍ୟତା ନଉଥିବା ଲୋକ୍ମାନ୍କୁ ଧାରିଜ୍ ପେନ୍ସନ୍ ସୁବିଧା ଦିଆଯାଏସି । ଖାସ୍ କରି ଗରିବ୍ ଆଉ ଅସୁରକ୍ଷିତ୍ ଲୋକ୍ମାନ୍କୁ ଇଥି ସାମିଲ୍ କରାଯାଇଛେ ।

ବିଶ୍ୱ ଜଳାତଙ୍କ ଦିବସ୍ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ଜଳାତଙ୍କ ଦିବସ୍ । କୁକୁର୍, ବିଲେଇ, କୁଲ୍ହିଆ ଆର୍ ଗଧିଆ ବାଗିର୍ ପ୍ରାଣୀମାନ୍କର୍ନୁ ମୁନୁଷ୍ ଆଉ ଅଲ୍ଗା ପ୍ରାଣୀମାନ୍କୁ ଜଳାତଙ୍କ ରୋଗ ହେସି । ପାଗଲ୍ କୁକୁର୍ ଚାବ୍ଲେ ପାଖାପାଖି ୯୦ ପ୍ରତିଶତ୍ ଲୋକ୍ ଜଳାତଙ୍କ ରୋଗ୍ଥି ଆକ୍ରାନ୍ତ ହେସନ୍ । ଭାରତ୍ ନ ବଛର୍କ ପାଖାପାଖି ୧୮ ନୁ ୨୦ ହଜାର୍ ଲୋକ୍ ଇ ରୋଗ୍ଥି ମରୁଛନ୍ । ଜଳାତଙ୍କ ରୋଗ ଖାସ୍କରି ଛୋଟ୍ ଛୁଆମାନ୍କର୍ ନ ଦେଖିବାର୍କେ ମିଲ୍ସି । ଇ ରୋଗ୍ର ପ୍ରତିଷେଧକ୍ ଟୀକା ରାଜ୍ୟର୍ ସବୁ ଡାକ୍ତର୍ଖାନା ନ ମାହାଲିଆଥି ମିଲୁଛେ । ନିଜର୍ ପୁଷା କୁକୁର୍ ମାନ୍କୁ ବଛର୍କ ଥରେ ଲେଖା ପ୍ରତିଷେଧକ୍ ଟୀକାକରଣ୍ କରାବାର୍ ଲାଗି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ଜିଏସ୍ଟି ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱାଧୀନ୍ କେନ୍ଦ୍ର ସର୍‌କାର୍ ଆଏବା ପିଢ଼ି ଜିଏସ୍‌ଟି ସଂସ୍କାର୍‌କେ ଗଲା ୨୨ ତାରିଖ୍ ଲାଗୁ କରିଛନ୍ । ଇତାକେ ଜିଏସ୍‌ଟି ସଂଚୟ ଉତ୍ସବ୍ ଭାବେ ପାଲନ୍ କରାଯିବାର୍ ସହେତେ ଭିନ୍ ଭିନ୍ ମହଲ୍‌ନୁ ପ୍ରଶଂସା କରାଯାଉଛେ । ନୂଆଁ ଜିଏସ୍‌ଟି ସଂସ୍କାର୍‌ଥି ସର୍‌କାର୍ ସ୍ୱାସ୍ଥ୍ୟସେବାକେ ତହଁକାବାର୍ ସହେତେ ମୁଖିଆ କ୍ଷେତ୍ର ମାନ୍‌କେ ନିବେଶ୍ ବଢ଼ାବାର୍ ଲକ୍ଷ୍ୟଥି ଟିକସ୍ ଦର୍‌କେ କମ୍ କରିଛନ୍ । ଜିମ୍ ଆଉ ଫିଟ୍‌ନେସ୍ କେନ୍ଦ୍ରମାନ୍‌କେ ଜିଏସ୍‌ଟି ୧୮ ନୁ ୫ ପ୍ରତିଶତ୍‌କେ କମ୍ କରାଯାଇଛେ ।

ନୂଆପଡ଼ା ଉପ ନିର୍ବାଚନ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ନ ହେବାର୍‌କେ ଥିବା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତୟାରି ମୁଲ୍ ହେଇଛେ । ନେସ୍‌ନାଲ୍ କଲେଜ୍ ନ ଥିବା ଷ୍ଟ୍ରଙ୍ଗ୍‌ରୁମ୍ ନ ଗଲାକାଏଲ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଆଉ ଆରକ୍ଷୀ ଅଧିକ୍ଷକ୍ ଅମ୍ରିତ୍ ପାଲ୍ ସିଂ ଥିତିର୍ ସମୀକ୍ଷା କରିଛନ୍ । ଉପ ନିର୍ବାଚନ୍ ଲାଗି ପ୍ରଶାସନିକ୍ ସ୍ତର୍ ନ ବହୁତ୍‌ଟେ ପ୍ରସ୍ତୁତି, ଆଇନ୍ ଶୃଙ୍ଖଳା ଆଉ ଇଭିଏମ୍ ଆଉ ଭିଭିପାଟ୍ କାର୍ଯ୍ୟକ୍ଷମ୍ ରହେବାର୍ ବାଗିର୍ ଭିନ୍ ଭିନ୍ ବିଷେଥି ପଦକ୍ଷେପ୍ ନେବାର୍ ଲାଗି ଜିଲ୍ଲାପାଲ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ       ସମ୍ବଲପୁର ସମ୍ବାଦଦାତା

ବଙ୍ଗୋପ୍‌ସାଗର୍ ନ ସକ୍ରିୟ ହେଇଥିବା ଘୂର୍ଣ୍ଣିବଳୟ - ଲଘୁଚାପ୍‌ଥି ବଦ୍‌ଲିବାର୍ ଉତ୍‌ରୁ ଉତର୍ ପଶ୍ଚିମ ଆର୍ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ପାଖେ ଅବପାତ ରୂପ୍ ନେଇଛେ । ଇତାର୍ ପ୍ରଭାବ୍‌ଥି ଆଏବାକାଏଲ୍‌ତକ୍ ରାଏଜେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ଆଏବା ୧ ତାରିଖ୍ ଦିନ ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ ।